# ଶ୍ରୀ ଚୈତନ୍ୟ ମହାପ୍ରଭୁ ଯେ ପରମେଶ୍ୱର ଭଗବାନ
# .... ତା'ର ଶାସ୍ତ୍ରୀୟ ପ୍ରମାଣ

*କୃଷ୍ଣବର୍ଣ୍ଣଂ ତ୍ୱିଷାକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦମ୍ ।*
*ଯଜ୍ଞୈସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ॥*

(ଭା: ୧୧/୫/୩୨)

ଏହି କଳିଯୁଗରେ ସୁମେଧା ସମ୍ପନ୍ନ ବ୍ୟକ୍ତିଗଣ ଅନବରତ କୃଷ୍ଣ କୀର୍ତ୍ତନକାରୀ ଭଗବାନଙ୍କ ଅବତାରଙ୍କୁ ଆରାଧନା କରିବା ପାଇଁ ସଂକୀର୍ତ୍ତନ ଯଜ୍ଞର ଅନୁଷ୍ଠାନ କରନ୍ତି । ଯଦିଓ ତାଙ୍କ ଶରୀରର ରଙ୍ଗ ଅକୃଷ୍ଣ (ଗୌରବର୍ଣ୍ଣ) ତଥାପି ସେ ସ୍ୱୟଂ ଶ୍ରୀକୃଷ୍ଣ । ସେ ତାଙ୍କ ସଙ୍ଗୀ, ସେବକ ଅସ୍ତ୍ର ଏବଂ ଅନ୍ତରଙ୍ଗ ପାର୍ଷଦଗଣଙ୍କ ଦ୍ୱାରା ପରିବୃତ । (ମହାରାଜ ନିମିଙ୍କ ପ୍ରତି କରଭାଜନ ମୁନିଙ୍କ ଉକ୍ତି)

*ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।*
*ସନ୍ନ୍ୟାସ କୃଚ୍ଛମଃ ଶାନ୍ତୋ ନିଷ୍ଠା ଶାନ୍ତିପରାୟଣଃ ॥* (ମହାଭାରତ)

ମହାପ୍ରଭୁ ଗୌରାଙ୍ଗ ସୁନ୍ଦରଙ୍କ ଶରୀରର ରଙ୍ଗ ସୁନା ପରି । ପ୍ରକୃତପକ୍ଷେ ତାଙ୍କର ସୁଲଳିତ ଶରୀରର ରଙ୍ଗ ଆଉଟା ସୁନା ଭଳି । ତାଙ୍କର ସମଗ୍ର ଶରୀର ଚନ୍ଦନ ଚର୍ଚ୍ଚିତ । ସେ ସନ୍ନ୍ୟାସ ଗ୍ରହଣ କରିବେ ଏବଂ ଖୁବ୍ ଆତ୍ମସଂଯମଶୀଳ ହେବେ । ମାୟାବାଦୀ ସନ୍ନ୍ୟାସୀମାନଙ୍କ ଠାରୁ ତାଙ୍କର ପାର୍ଥକ୍ୟ ଏହି ଯେ ସେ ଭକ୍ତିମୂଳକ ସେବାରେ ନିଷ୍ଠାପରାୟଣ ଏବଂ ସଂକୀର୍ତ୍ତନ ଆନ୍ଦୋଳନ ପ୍ରଚାର କରିବେ ।

*ପୁଣ୍ୟ କ୍ଷେତ୍ରେ ନବଦ୍ୱୀପେ ଶଚୀସୂତୋ ଭବିଷ୍ୟତି । (କୃଷ୍ଣଯାମଳତନ୍ତ୍ର)*

ଶଚୀଦେବୀଙ୍କ ପୁତ୍ର ସନ୍ତାନ ରୂପେ ପବିତ୍ର ନବଦ୍ୱୀପ ଧାମରେ ମୁଁ ଆବିର୍ଭୁତ ହେବି ।

*ଅଥବାହଂ ଧରାଧାମେ ଭୂତ୍ୱା ମଦ୍ଭକ୍ତରୂପଧୃକ୍ ।*
*ମାୟାୟାଞ୍ଚ ଭବିଷ୍ୟାମି କଲୌ ସଂକୀର୍ତ୍ତନାଗମେ ॥(ବ୍ରହ୍ମ ଯାମଳ ତନ୍ତ୍ର) । ।*

ଭକ୍ତ ରୂପରେ ପୃଥିବୀ ପୃଷ୍ଠରେ ମୁଁ ସ୍ୱୟଂ ବେଳେ ବେଳେ ଆବିର୍ଭୁତ ହୋଇଥାଏ । ବିଶେଷ କରି କଳିଯୁଗରେ ସଂକୀର୍ତ୍ତନ ଆନ୍ଦୋଳନର ପ୍ରଚାର କରିବା ପାଇଁ ଶଚୀନନ୍ଦନ ରୂପରେ ମୁଁ ଆର୍ବିଭୂତ ହୋଇଥାଏ ।

*କଲୌ ପ୍ରଥମ ସନ୍ଧ୍ୟାୟାଂ ଗୌରାଙ୍ଗୋଽହଂ ମହୀତଳେ ।*
*ଭାଗିରଥି ତଟେ ରମ୍ୟେ ଭବିଷ୍ୟାମି ଶଚୀସୁତଃ ॥(ପଦ୍ମପୁରାଣ)*

କଳିର ପ୍ରଥମ ସନ୍ଧ୍ୟାରେ ଭାଗିରଥୀ ତଟସ୍ଥ ରମ୍ୟ ସ୍ଥାନରେ ଗୌରାଙ୍ଗ ରୂପଧାରୀ ଶଚୀ ପୁତ୍ର ରୂପରେ ମୁଁ ଭବିଷ୍ୟତରେ ଅବତୀର୍ଣ୍ଣ ହେବି ।

*କଲି ଘୋରତମଶ୍ଛନ୍ନାନ୍ ସର୍ବାନାଚରବର୍ଜିତମ୍ ।*
*ଶଚୀଗର୍ଭେ ଚ ସମ୍ଭୂୟ ତାରୟିଷ୍ୟାମି ନାରଦ ॥(ବାମନ ପୁରାଣ)*

ହେ ନାରଦ! କଳିର ଘୋର ତମସାଚ୍ଛନ୍ନ କାଳରେ ଶଚୀଗର୍ଭରେ ଆବିର୍ଭୁତ ହୋଇ ମୁଁ ଜଗତକୁ ଅନାଚାରରୁ ବର୍ଜିତ କରି ଉଦ୍ଧାର କରିବି ।

*କଲୌ ସଂକୀର୍ତ୍ତନାରମ୍ଭେ ଭବିଷ୍ୟାମି ଶଚୀସୁତଃ ।*
*ସ୍ୱର୍ଣ୍ଣଦିତାରମାସ୍ଥାୟ ନବଦ୍ୱୀପେ ଜନାଶ୍ରୟେ*
*ତତ୍ର ଦ୍ୱିଜକୁଳ ଶୁଦ୍ଧସତ୍ୱେ ଦ୍ୱିଜାଳୟେ ॥(ବାୟୁପୁରାଣ)*

ମୁଁ କଳିଯୁଗରେ ଯୁଗୋଚିତ ନାମ ସଂକୀର୍ତ୍ତନ ପ୍ରଚାର ନିମିତ୍ତ ବହୁ ଜନ ସମାବେଶରେ ଗଙ୍ଗାତୀରବର୍ତ୍ତୀ ନବଦ୍ୱୀପ ଧାମରେ ବିଶୁଦ୍ଧ ବ୍ରାହ୍ମଣ କୂଳରେ ଶଚୀଦେବୀଙ୍କ ପୁତ୍ର ରୂପେ ଅବତୀର୍ଣ୍ଣ ହେବି ।

***ଅହଂ ପୂର୍ଣୋଭବିଷ୍ୟାମି ଯୁଗସନ୍ଧୌ ବିଶେଷତଃ ।***

***ମାୟାପୁରେ ନବଦ୍ୱୀପେ ବାରମେକଂ ଶଚୀସୁତଃ ।।****(ଆଦିଯାମଳ)*

ଶଚୀପୁତ୍ର ରୂପେ ନବଦ୍ୱୀପର ମାୟାପୁର ଠାରେ ଯୁଗସନ୍ଧିକ୍ଷଣରେ ମୁଁ ଭବିଷ୍ୟତରେ ପୂର୍ଣ୍ଣ ରୂପେ ଅବତୀର୍ଣ୍ଣ ହେବି ।(ଏହା ବ୍ୟତୀତ ଅନ୍ୟାନ୍ୟ ଅନେକ ପ୍ରମାଣ ଅଛି ।)